# ବନୀକରଣ ଓ ବୃକ୍ଷରୋପଣ ପାଇଁ ରାଜ୍ୟରେ ଶ୍ରେଷ୍ଠ ଗ୍ରାମ ପଂଚାୟତ ଓ ଶିକ୍ଷାନୁଷ୍ଠାନମାନଙ୍କୁ ପୁରସ୍କାର

ବନୀକରଣ ଓ ବୃକ୍ଷରୋପଣ କାର୍ଯ୍ୟକୁ ପ୍ରୋତ୍ସାହିତ କରିବା ନିମନ୍ତେ ଚଳିତ ଆର୍ଥିକ ବର୍ଷ (୨୦୧୬-୧୭) ଠାରୁ ଆରମ୍ଭ କରି ପ୍ରତିବର୍ଷ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଶ୍ରେଷ୍ଠ ବିବେଚିତ ଗ୍ରାମ ପଂଚାୟତ ଓ ଶିକ୍ଷାନୁଷ୍ଠାନମାନଙ୍କୁ ସବ୍‌ଡିଭିଜନ ସ୍ତରରେ (ପ୍ରତି ସବ୍‌ଡିଭିଜନରେ ଗୋଟିଏ ଗ୍ରାମ ପଂଚାୟତ ଏବଂ ଗୋଟିଏ ଶିକ୍ଷାନୁଷ୍ଠାନ)ଙ୍କୁ ଯଥାକ୍ରମେ କୋଡିଏ ହଜାର ଓ ଦଶ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିବା ପାଇଁ ଓଡିଶା ସରକାର ସ୍ଥିର କରିଛନ୍ତି । ଉକ୍ତ ପୁରସ୍କାର ଜିଲ୍ଲା ସଦର ମହକୁମାରେ ମାର୍ଚ୍ଚ ୨୧ ତାରିଖ, ୨୦୧୭ ରେ ପାଳିତ ହେବାକୁ ଥିବା ବିଶ୍ୱ ବନ ଦିବସ ଉତ୍ସବରେ ଦିଆଯିବ । ଏଥିପାଇଁ କୌଣସି ଗ୍ରାମ ପଂଚାୟତ ବା ଶିକ୍ଷାନୁଷ୍ଠାନ ଯେ କି ବିଗତ ତିନି ବର୍ଷ ଭିତରେ ପର୍ଯ୍ୟାପ୍ତ ମାତ୍ରାରେ ବୃକ୍ଷରୋପଣ, ବନୀକରଣ, ବନସୁରକ୍ଷା କରିଛନ୍ତି ଓ ଏଥିପାଇଁ ଜନ ସଚେତନା ବୃଦ୍ଧି କରିବାରେ ସଫଳତା ଅର୍ଜନ କରିଅଛନ୍ତି, ସେମାନେ ନିର୍ଦ୍ଧାରିତ ଫର୍ମରେ ସଂପୃକ୍ତ ରେଞ୍ଜ ଅଫିସରଙ୍କ ନିକଟରେ ୧୦ ନଭେମ୍ବର ୨୦୧୬ ସୁଦ୍ଧା ଦରଖାସ୍ତ ଦେଇ ପାରିବେ । ନିର୍ଦ୍ଧାରିତ ଫର୍ମର ନମୁନା ଓ ଏ ସମ୍ପର୍କିତ ସବିଶେଷ ସୂଚନା ସଂପୃକ୍ତ ଡି.ଏଫ.ଓଙ୍କ କାର୍ଯ୍ୟାଳୟରେ ମିଳିପାରିବ ।

ଶିବ ଶରଣ ଶ୍ରୀବାସ୍ତବ
ପ୍ରଧାନ ମୁଖ୍ୟ ବନ ସଂରକ୍ଷକ, ଓଡିଶା